## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ଜିଲା ବୁର୍ଲା ଥାନା ଅନ୍ତର୍ଗତ ବିଷ୍ଣୁମନ୍ଦିର ପଡାର ପ୍ୟାରୀ କୁମ୍ଭାରଙ୍କ ମୃତଦେହ ଅଠନାଲା ନିକଟରୁ ବୁର୍ଲା ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କରିଛନ୍ତି । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ପ୍ୟାରୀ ୩ ଦିନ ପୂର୍ବରୁ ନିଖୋଜ ଥିଲେ । ପରିବାର ବର୍ଗ ଏନେଇ ଥାନାରେ ଅଭିଯୋଗ କରିଥିଲେ । ବୁଧବାର ମୃତଦେହକୁ ପରିବାର ଲୋକେ ଚିହ୍ନଟ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି ।

## ସଂକ୍ଷେପରେ

### ଜୀବନ ଦାଦର ପ୍ରାଥମିକ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର

ଡୁଙ୍ଗୁରିପାଲି,୪।୧୧(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ମାୟାବରାହ କ୍ଲଷ୍ଟର ଅନ୍ତର୍ଗତ ଜୀବନ ଦାଦର ପ୍ରାଥମିକ ବିଦ୍ୟାଳୟକୁ ୨୦୨୦ ବର୍ଷ ପାଇଁ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଛି । ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ଏହି ପୁରସ୍କାର ଦିଆଯାଇଛି। ବୁଧବାର ବିଦ୍ୟାଳୟ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲା ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ ଏଥିପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାଶ କୁମାର ବାଘଙ୍କୁ ନଗଦ ୨୦ ହଜାର ଟଙ୍କା ଓ ପ୍ରମାଣପତ୍ର ପ୍ରଦାନ କରିଛନ୍ତି ।

### କେସିଙ୍ଗା ସହରରେ ମାସ୍କ ଚେକିଂ

କେସିଙ୍ଗା, ୪।୧୧ (ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ସହରର ବିଭିନ୍ନ ଛକଠାରେ କେସିଙ୍ଗା ପୋଲିସ ପକ୍ଷରୁ ବୁଧବାର ମାସ୍କ ଚେକିଂ କରାଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାର ମହାମାରୀ କୋଭିଡରୁ ରକ୍ଷା କରିବା ପାଇଁ ଲୋକଙ୍କୁ ବିଭିନ୍ନ ସୁବିଧା କରିବା ସହିତ ମାଗଣାରେ ଚିକିତ୍ସା ସୁବିଧା ଯୋଗାଉଥିଲେ ସୁଦ୍ଧା ଲୋକମାନେ ବେଖାତିର କରି ବିନା ମାସ୍କରେ ରାସ୍ତା, ଦୋକାନ ବଜାର, ହସ୍ପିଟାଲରେ ବୁଲୁଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଦିନ ବିଭିନ୍ନ ସଚେତନତା କରୁଥିଲେ ସୁଦ୍ଧା ଲୋକେ କୋଭିଡ ନିୟମ ମାନୁନାହାନ୍ତି । ମାସ୍କ ଚେକିଂ ସମୟରେ ଗୋଟିଏ ମୋଟର ସାଇକେଲରେ ୪ଜଣ ଯୁବକ ବିନା ମାସ୍କ ପିନ୍ଧି ଯାଉଥିବା ବେଳେ ବ୍ଲକ ସମ୍ମୁଖରେ ଧରାପଡିବାରୁ ୫ଶହ ଟଙ୍କା ଲେଖାଏଁ ଜରିମାନା ଦେଇଥିଲେ । ଚେକିଂ ସମୟରେ କେସିଙ୍ଗାର ଅତିରିକ୍ତ ତହସିଲଦାର ମନୋରଞ୍ଜନ ସୁନା, ଏସଆଇ ଏସକେ ସାହୁଙ୍କ ସମେତ ପୋଲିସ କର୍ମଚାରୀମା ସାମିଲ ଥିଲେ। ସହରର ବ୍ଲକ, ସିନେମା ହଲ ଛକ, ବଲାଙ୍ଗିର ଛକ ନିକଟରେ ପୋଲିସ ଯାଞ୍ଚ କରିଥିଲା ।

### ବିଡିଓଙ୍କୁ ଦାବିପତ୍ର ପ୍ରଦାନ

ହରଭଙ୍ଗା, ୪।୧୧(ଡି.ଏନ୍.ଏ): ବୌଦ୍ଧ ଜିଲା ହରଭଙ୍ଗା ମଣ୍ଡଳ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସୋମବାର ସ୍ଥାନୀୟ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବହୁ ଗରିବ ହିତାଧିକାରୀ ବାଦ୍ ପଡିଛନ୍ତି । ସେମାନଙ୍କୁ ଚିହ୍ନଟ କରି ନାମ ପଞ୍ଜୀକରଣ କରିବା ତଥା ଟଙ୍କା ପାଇ ନ ଥିବା ହିତାଧିକାରୀଙ୍କୁ ଅନୁଦାନ ଦେବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି । ହରଭଙ୍ଗା ବ୍ଲକରେ ଅନେକ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ଏ ପର୍ଯ୍ୟନ୍ତ ଟଙ୍କା ପାଇପାରି ନାହାନ୍ତି । ସେହିପରି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବହୁ ବ୍ୟକ୍ତି ପ୍ରାପ୍ୟ ପାଇ ନ ଥିବା ଅଭିଯୋଗ ହୋଇଛି । ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ହରଭଙ୍ଗା ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଅରୁପା ଦୀପ, ନିରଞ୍ଜନ ମହାନନ୍ଦିଆ, ସୁବାସ ଚନ୍ଦ୍ର ଦେହୁରୀ, ପ୍ରଣବ କୁମାର ଦାସ, ସୁବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### କଂଗ୍ରେସର ସାଙ୍ଗଠନିକ ବୈଠକ

ଲୋଇସିଂହା,୪।୧୧(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ବୁର୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଏକ ସାଂଗଠନିକ ବୈଠକ ଓ ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଲୋଇସିଂହା, ଆଗଲପୁର ଓ ପୁଇଁତଲା ବ୍ଲକର କର୍ମୀଙ୍କୁ ନେଇ ହୋଇଥିବା ସଭାରେ ଅରବିନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଜିଲା ସଭାପତି ନିଯୁକ୍ତ ଦିଲୀପ କୁମାର ବେହେରା ଓ ରାଜୀବ ଗାନ୍ଧୀ ପଞ୍ଚାୟତିରାଜର ଲୋକ ସଭା କ୍ଷେତ୍ର ସଂଯୋଜକ ଅଜୟ ବାଲିଙ୍କୁ ୩ ବ୍ଲକର କର୍ମୀମାନଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇ ଯୁବନେତା ସମରେନ୍ଦ୍ର ମିଶ୍ର ସଂଗଠନକୁ ସୁଦୃଢ କରିବା ଉପରେ ମତ ରଖିଥିଲେ । କର୍ମୀମାନେ ସକ୍ରିୟ ରହି ଲୋକଙ୍କ ପାଖକୁ ଗଲେ ସଂଗଠନ ପୁଣି ସୁଦୃଢ ହୋଇ ପାରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ ।

# ୧୮ରୁ ଖରିଫ ଧାନକିଣା

## ବସିଲା ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

ବଲାଙ୍ଗୀର ଅଫିସ, ୪।୧୧

ବଲାଙ୍ଗୀର ଜିଲାରେ ୨୦୨୦-୨୧ ଖରିଫ ଧାନକିଣା ପାଇଁ ବୁଧବାର ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଛି । ଆସନ୍ତା ନଭେମ୍ବର ୧୮ତାରିଖଠାରୁ ଜିଲାର ୧୫୮ଟି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଓ ୧୬ଟି ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି) ଜରିଆରେ ଧାନ କିଣାଯିବାକୁ ନିଷ୍ପତ୍ତି ହୋଇଛି। ଚଳିତ ଖରିଫ୍ ବର୍ଷ ବିପଣନ ସକାଶେ ସାଧାରଣ ଏଫ୍ଏକ୍ୟୁ ମାନର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୮୬୮ ଓ ଗ୍ରେଡ୍ ଏ ଏଫ୍ଏକ୍ୟୁ ମାନର ସର୍ବନିମ୍ନ ସହାୟକ ମୂଲ୍ୟ ଧାନ କୁଇଣ୍ଟାଲ ପ୍ରତି ୧୮୮୮ ଟଙ୍କା ଧାର୍ଯ୍ୟ କରାଯାଇଛି। ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ପାଟଣାଗଡ ବିଧାୟକ ସରୋଜ କୁମାର ମେହେର, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ଏମ୍‌ପି ପ୍ରତିନିଧି ମାଧବଚନ୍ଦ୍ର ସାଏ, ଟିଟିଲାଗଡ ବିଧାୟିକା ତଥା ମହିଳା ଓ ଶିଶୁକଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ଜିଲା କୃଷକ ମହାସଂଘ ସଭାପତି ଡା ସୁଧୀର କୁମାର ପରିଚ୍ଛା, ସମ୍ପାଦକ ଯତି ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମନୋରଞ୍ଜନ ପ୍ରଧାନ, ବଲାଙ୍ଗୀର, ଟିଟିଲାଗଡ ଓ ପାଟଣାଗଡ ଉପଜିଲପାଳ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଦିଲୀପ କୁମାର ପାତ୍ର, ନିୟନ୍ତ୍ରିତ କମିଟି କର୍ମଚାରୀ ଓ ମିଲର୍ସ ପ୍ରତିନିଧି ଯୋଗଦାନ କରିଥିଲେ । ଜିଲାରେ ଚଳିତବର୍ଷ ଯେପରି ସୁଚାରୁରୂପେ ଧାନ ସଂଗ୍ରହ ହେବ ଓ ଚାଷୀମାନେ ଯେମିତି ଅଭାବୀ ବିକ୍ରିର ସମ୍ମୁଖୀନ ନହୋଇ ସୁରୁଖୁରୁରେ ଧାନ ବିକ୍ରୟ କରିପାରିବେ ସେଦିଗରେ ଧ୍ୟାନ ଦେବାକୁ କହିଥିଲେ । ଏଜେଣ୍ଡା ମୁତାବକ ଧାନର ମାନ ନିର୍ଦ୍ଧାରଣକୁ ନେଇ ଯୋଗାଣ ବିଭାଗ ପାଖରେ କ'ଣ ଭିତ୍ତିଭୂମି ରହିଛି ବୋଲି ବିଧାୟକ ନରସିଂହ ମିଶ୍ର ଜାଣିବାକୁ ଚାହିଁଥିଲେ। କେବଳ କୁଇଣ୍ଟାଲ ପିଛା ୫ରୁ ୧୦ କେଜି ଧାନ କାଟି ଦେଇ ଅଣଏଫଏକ୍ୟୁ ଧାନକୁ ଏଫଏକ୍ୟୁରେ ପରିଣତ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଧାୟକ ମିଶ୍ର କ୍ଷୋଭ ପ୍ରକାଶ କରିଥିଲେ। ସରକାରୀ ନୀତି ଅନୁସାରେ ସମସ୍ତ ପ୍ୟାକ୍ସ ତଥା ମାର୍କେଟିଂ ୟାର୍ଡ ମାନଙ୍କରେ ଧାନର ମାନ ନିର୍ଦ୍ଧାରଣ ପାଇଁ ମାନ ନିର୍ଦ୍ଧାରଣ ଯନ୍ତ୍ର ନିହାତି ଆବଶ୍ୟକ ବୋଲି ବିଧାୟକ ସନ୍ତୋଷ ସିଂ ସାଲୁଜା, ବିଧାୟକ ସରୋଜ ମେହେର, ବିଧାୟକ ମୁକେଶ ମହାଲିଙ୍ଗଙ୍କ ସହିତ ଚାଷୀ ପ୍ରତିନିଧିମାନେ ମତପ୍ରକାଶ କରିଥିଲେ। ଧାନର ମୂଲ୍ୟ କୁଇଣ୍ଟାଲ ପିଛା ୨୯୩୦ ଟଙ୍କା କରାଯିବାକୁ ବୈଠକରେ ସର୍ବସମ୍ମତି ପ୍ରସ୍ତାବ ପାରିତ କରାଯାଇଥିଲା। ଏହି ପ୍ରସ୍ତାବକୁ ସରକାରଙ୍କୁ ଜଣାଇବାକୁ କୁହାଯାଇଥିଲା । ଜିଲାର ୬୬୭୮୩ ଜଣ ଚାଷୀ ପ୍ୟାକ୍ସ ଓ ଏସ୍ଏଚ୍‌ଜି ଜରିଆରେ ଧାନ ବିକ୍ରୟ କରିବାକୁ ପଞ୍ଜୀକୃତ ହୋଇଥିବା ସିଏସ୍‌ଓ ପାତ୍ର ଜଣାଇଥିଲେ ।


ବଲାଙ୍ଗୀର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ।

# ଶିକ୍ଷକ ଦମ୍ପତିଙ୍କ ବିରୋଧରେ ଥାନାରେ ଅଭିଯୋଗ

## ବ୍ରାହ୍ମଣୀରେ ବୁଡି ୨ ଛାତ୍ର ମୃତ୍ୟୁ ଘଟଣା

ଲହୁଣୀପଡା,୪।୧୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଦର୍ଜିଂ ପଞ୍ଚାୟତ ଦେଓଧର ବ୍ରାହ୍ମଣୀ ନଦୀରେ ବୁଡି ୨ ଛାତ୍ରଙ୍କ ମୃତ୍ୟୁ ଘଟଣାରେ ଶିକ୍ଷକ ଦମ୍ପତିଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି ମୃତ ଛାତ୍ର ଆୟନ ଟକଙ୍କ ପରିବାର । ସେପ୍ଟେମ୍ବର ୨୮ରେ ଦେଓଧର ବ୍ରାହ୍ମଣୀ ନଦୀ ପାଖକୁ ବଣଭୋଜି କରିବାକୁ ରାଉରକେଲାରୁ ଆସିଥିବା ୯ଜଣ ଛାତ୍ରଙ୍କ ମଧ୍ୟରୁ ପ୍ରସନ୍ନ ସାହୁ ଓ ଆୟନ ଟକ ନଦୀରେ ବୁଡି ଯାଇଥିଲେ । ୨୪ ଘଣ୍ଟା ପରେ ଉଭୟଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ମଙ୍ଗଳବାର ଆୟନଙ୍କ ପରିବାର ପକ୍ଷରୁ ଇରଫାନ ଟକ ରାଉରକେଲା ବାସନ୍ତୀ କଲୋନୀର ଟ୍ୟୁଶନ ଶିକ୍ଷକ ଦମ୍ପତି ସୁମିତ ଅଗ୍ରୱାଲ ଓ ସ୍ତ୍ରୀ ଗୀତାଞ୍ଜଳି ଦାସଙ୍କ ବିରୋଧରେ ଚାନ୍ଦିପୋଷ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସେ ଦର୍ଶାଇଛନ୍ତି ଯେ, ଶିକ୍ଷକ ଦମ୍ପତିଙ୍କ ଅବହେଳା ଯୋଗୁ ତାଙ୍କ ପୁଅ ଆୟନଙ୍କ ମୃତ୍ୟୁ ଘଟିଥିଲା । ଏଣୁ ଉକ୍ତ ଶିକ୍ଷକ ଦମ୍ପତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।

# ରାସ୍ତା ତିଆରି କଲେ ଗ୍ରାମବାସୀ


ଗ୍ରାମବାସୀ ରାସ୍ତା ତିଆରି କରୁଛନ୍ତି।

## ନିଜ ପାଇଁ ନିଜେ

ହରଭଙ୍ଗା,୪।୧୧(ଡି.ଏନ.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବାଣୀଭୂଷଣପୁର ପଞ୍ଚାୟତର ମାର୍ଦ୍ଦିଙ୍ଗ ଗ୍ରାମରେ ମଙ୍ଗଳବାର ଗ୍ରାମବାସୀ ନିଜେ ମାଟି ମୋରମ ପକାଇ ରାସ୍ତା ତିଆରି କରିଛନ୍ତି । ଗ୍ରାମରେ ବର୍ଷ ବର୍ଷ ଧରି ଲାଗି ରହିଥିବା ରାସ୍ତା ସମସ୍ୟାରେ ସାମାନ୍ୟ ସୁଧାର ଆଣିବା ପାଇଁ ଗ୍ରାମବାସୀ ଏଭଳି ପଦକ୍ଷେପ ନେଇଛନ୍ତି । ଏହାକୁ ସବୁ ମହଲରେ ପ୍ରଶଂସା କରାଯାଇଛି ।

ପ୍ରକାଶ ଯେ, ବ୍ଲକ କାର୍ଯ୍ୟାଳୟ ଠାରୁ ୩ କି.ମି ଦୂରରେ ଥିବା ମାର୍ଦ୍ଦିଙ୍ଗ ଗାଁକୁ ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତା ହୋଇନାହିଁ। ଫଳରେ ଗ୍ରାମବାସୀ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି । ବିଶେଷ କରି ବର୍ଷା ଦିନେ ଦୁର୍ଦ୍ଦଶା ବଢିଯାଏ । ଏ ନେଇ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଫଳରେ ଗ୍ରାମର ଲୋକେ ବାଧ ହୋଇ ନିଜ ଖର୍ଚ୍ଚରେ ନିଜେ ରାସ୍ତା ତିଆରି କରିଛନ୍ତି । ୫୭ ନମ୍ବର ଜାତୀୟ ରାଜପଥରୁ ଏହି ଗାଁକୁ ଯାଇଥିବା ରାସ୍ତାରେ ଅସଂଖ୍ୟ ଖାଲଖମା ଥିବା ବେଳେ ସେଥିରେ ମାଟି ଓ ମୋରମ ପକାଇ ଗାଁ ଲୋକେ ସମାନ କରିଛନ୍ତି । ଗ୍ରାମର ୱାର୍ଡ ସଭ୍ୟା କଳ୍ପନା ପ୍ରଧାନ, ଦାଶରଥି ପ୍ରଧାନ, ସଂକୀର୍ତ୍ତନ ପ୍ରଧାନ, ପ୍ରକାଶ ବାରିକ, ଗୌତମ ବାରିକ, ଗୌରଚରଣ ସେଠୀ, ତରଣୀ ଜାନି ପ୍ରମୁଖ ଏହି କାର୍ଯ୍ୟରେ ସାମିଲ ହୋଇଥିଲେ । ମାର୍ଦ୍ଦିଙ୍ଗ ଗ୍ରାମରେ ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି । ଜାତୀୟ ରାଜପଥ ପାର୍ଶ୍ୱରେ ଏହି ଗାଁ ହୋଇଥିବା ବେଳେ ରାସ୍ତା ଦୁରାବସ୍ଥା ପ୍ରତି କୌଣସି ଅଧିକାରୀଙ୍କ ନଜର ଏ ଯାଏ ନ ପଡିବା ବିଡମ୍ବନାର ବିଷୟ ବୋଲି ଗ୍ରାମବାସୀ କ୍ଷୋଭର ସହ କହିଛନ୍ତି । ଯଥାଶୀଘ୍ର ଗାଁକୁ ଯାଇଥିବା ରାସ୍ତା ପିଚୁ କରିବା ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ନିର୍ବାହୀଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କଲେ ଠିକାଦାର

## କ୍ୟାମ୍ପକୁ ଯାଇ ଠିକା କାମକୁ ବିରୋଧ ଘଟଣା

ବଲାଙ୍ଗୀର ଅଫିସ, ୪।୧୧

ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ବିଜାଖମନ୍ ଓ ମାଲଗୋଦାମପଡା ଅଞ୍ଚଳରେ ପ୍ରାୟ ୨ କୋଟି ଟଙ୍କାରେ ତିଆରି ହେବାକୁ ଥିବା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରିବାକୁ ଆସିଥିବା ଠିକାସଂସ୍ଥାର କାମକୁ ମଙ୍ଗଳବାର ସ୍ଥାନୀୟ କେତେଜଣ ଠିକାଦାର ବିରୋଧ କରିଥିଲେ। ଏହି ପ୍ରକଳ୍ପ ନିର୍ମାଣ ପାଇଁ କଟକର ଏକ ଠିକାଦାର ଇ-ଟେଣ୍ଡର ଜରିଆରେ କାମ ପାଇଛନ୍ତି। ଉକ୍ତ ଠିକାସଂସ୍ଥା ନିମ୍ନମାନର ଲୁହାରଡ୍ ଓ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରିବାକୁ ଆଣିଥିବା ଦର୍ଶାଇ ବିରୋଧ କରାଯାଇଥିବା କୁହାଯାଇଛି । ସମ୍ପୃକ୍ତ ସଂସ୍ଥାର ଠିକାଦାର ବଲାଙ୍ଗୀର ଆସିବା ପରେ ଯାଇ ତାଙ୍କୁ କାମ କରିବାକୁ ଦିଆଯିବ ବୋଲି କ୍ୟାମ୍ପର କର୍ମଚାରୀଙ୍କୁ କୁହାଯାଇଥିଲା। ଏହି ସମୟରେ ଜନସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀ ଉପସ୍ଥିତ ଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ସ୍ଥାନୀୟ ଠିକାଦାରଙ୍କ ବିରୋଧକୁ ନେଇ ସମ୍ପୃକ୍ତ ସଂସ୍ଥାର ଠିକାଦାର ଉତ୍ତମ ବିଶ୍ୱାଳ ବଲାଙ୍ଗୀର ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ମଙ୍ଗଳବାର ରାତିରେ ଲିଖିତ ଅଭିଯୋଗ କରି ବିଧିବଦ୍ଧ ପଦକ୍ଷେପ ଗ୍ରହଣ କରିବାକୁ ଜଣାଇଥିବା ସୂଚନା ଦେଇଛନ୍ତି ।

ଠିକାଦାର ବିଶ୍ୱାଳ କହିଛନ୍ତି ଯେ, ବଲାଙ୍ଗୀର ମ୍ୟୁନିସିପାଲିଟି ଓ ତୁଷୁରା ଏନ୍ଏସିଠାରେ ଜଳ ପ୍ରକଳ୍ପ କରିବାକୁ ଗତ ଜାନୁୟାରୀ-ଫେବୃୟାରୀରୁ ଇ-ଟେଣ୍ଡର ସେ ପାଇଥିଲେ। ଟେଣ୍ଡର ପାଇବା ପରେ ବଲାଙ୍ଗୀର ସହରର ମହାନ୍ତିବାବୁ ନାମକ ଜଣେ ଠିକାଦାର ତାଙ୍କୁ ଫୋନ୍‌ରେ ବଲାଙ୍ଗୀର ଜିଲା ଠିକାକାମରେ ଅଂଶଗ୍ରହଣ ନ କରିବାକୁ କହିଥିଲେ । ଟେଣ୍ଡର ପାଇସାରିଥିବାରୁ ସେ ଏହାକୁ ଛାଡିପାରିବେ ନାହିଁ ବୋଲି କହିବା ପରେ ମହାନ୍ତିବାବୁ କୁଆଡେ ସେହି ପ୍ରକଳ୍ପ କାମ ଆରମ୍ଭ କଲେ ବିରୋଧ କରିବେ ବୋଲି ଧମକ ଦେଇଥିଲେ । କିଛିଦିନ ପୂର୍ବରୁ ତୁଷୁରାଠାରେ ପ୍ରଥମେ ପାନୀୟ ଜଳ ପ୍ରକଳ୍ପ କାମ ଆରମ୍ଭ କରିବାରୁ ସେଠାରେ ମଧ୍ୟ ତାଙ୍କୁ ବିରୋଧ କରିଥିଲେ । ତେବେ ସ୍ଥାନୀୟ ବିଧାୟକଙ୍କ ହସ୍ତକ୍ଷେପ ପରେ ସେହି କାମ ଆରମ୍ଭ ହୋଇଛି । ଏବେ ବଲାଙ୍ଗୀର କାମ ଆରମ୍ଭ କରିବାରୁ ତାଙ୍କୁ ବିରୋଧ କରାଯାଉଥିବା ସେ ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଜଣାଇଥିବା କହିଛନ୍ତି । ଏ ନେଇ ନିର୍ବାହୀ ଯନ୍ତ୍ରୀ ପାର୍ବତୀ ମୋହନ ପରିଡାଙ୍କୁ ପଚାରିବାରୁ ମଙ୍ଗଳବାର ଘଟଣାକୁ ନେଇ ଠିକାଦାର ବିଶ୍ୱାଳ ଲିଖିତ ଅଭିଯୋଗ କରିଛନ୍ତି। ସେ ଏଠାରେ ଯେପରି ଠିକା କାମ କରିପାରିବେ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ପରିଡା କହିଛନ୍ତି ।

# ଅସହାୟ ବୃଦ୍ଧଙ୍କୁ ସହାୟତା ପ୍ରଦାନ

ଦେଓଗାଁ, ୪।୧୧(ଡି.ଏନ.ଏ)

ବଲାଙ୍ଗୀର ସଦର ବ୍ଲକ କୁଡାସିଂହାର ମାହେଶ୍ୱରୀ ସଂଗଠନ ମହିଳା ଶାଖା ଜନୈକ ଅସହାୟ ବୃଦ୍ଧଙ୍କୁ ସହଯୋଗର ହାତ ବଢ଼ାଇଛି। ସୋମବାର ରାତିରେ କୁଡାସିଂହା ଗାଁ ମୁଣ୍ଡରେ ଜଣେ ଅସହାୟ ବୃଦ୍ଧ ଭିକ୍ଷା ସାରି ଏକ ଗଛମୂଳରେ ଆଶ୍ରୟ ନେଇଥିଲେ। ତାଙ୍କ ପାଦରେ ଚପଲ ଓ ଦେହରେ ଶୀତବସ୍ତ୍ର ନ ଥିବା ସଂଗଠନ ମହିଳା ଶାଖାର କର୍ମକର୍ତ୍ତାଙ୍କ ନଜରକୁ ଆସିଥିଲା । ସଂଗଠନର ସଂଯୋଜିକା ପ୍ରିୟଦର୍ଶିନୀ ନାଥ, ସହସଂଯୋଜିକା ସୋନମ ସାହୁ, ପ୍ରିତିପ୍ରଜ୍ଞା ମହାରଣା, ମନିଷା ସାହୁ, ପ୍ରିୟଙ୍କା ନାଏକ, ଅଙ୍କିତା ନାଏକ, ଅଳକା ସେନାପତି, ବର୍ଷାରାଣୀ ସାହୁପ୍ରମୁଖ ଉକ୍ତ ବୃଦ୍ଧାଙ୍କୁ ଗାଁକୁ ଆଣି ଖାଦ୍ୟ ଦେବା ସହ ବସ୍ତ୍ର ପ୍ରଦାନ କରିଥିଲେ ।

# ନାଗଦେବୀ ପୂଜା ଉଦ୍‌ଯାପିତ

ପଲମ, ୪।୧୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ଖଇରମାଳ ଗ୍ରାମରେ ଗତ ରବିବାରରୁ କୋଭିଡ ନିୟମ ଅନୁସାରେ ଆରମ୍ଭ ହୋଇଥିବା ନାଗ ଦେବୀଙ୍କ ପୂଜା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ପୂଜା ଆଜକୁ ୩୫ବର୍ଷ ହେଲା ରିତୀନୀତ ଅନୁସାରେ ପାଳନ ହୋଇ ଆସୁଛି । ପ୍ରଥମ ଦିନ ଘାଟ ପୂଜା ଓ ଦାଣ୍ଡ ପୂଜା ପାଳିତ ହୋଇଥିବା ବେଳେ ଦ୍ୱିତୀୟ ଦିନ ବଣ ପୂଜା ବା ଚଣ୍ଡି ପୂଜା ସହ ହୁଙ୍କା ପୂଜା କରାଯାଇଥିଲା। ଏହି ପୂଜା କାର୍ଯ୍ୟରେ ପ୍ରଥମ ଶିକ୍ଷାଗୁରୁ ଦନାର୍ଦ୍ଦନ କୁମୁରା ଯୋଗଦେଇ ପୂଜାରମ୍ଭ କରିଥିଲେ । ଗ୍ରାମର ଦେବୀ ପୂଜକ ଗୁରୁ ଗୋବିନ୍ଦ ଧରୁଆ ସମସ୍ତ ପୂଜାର୍ଚ୍ଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂଜା କମିଟି ସଭାପତି ମନୋରନ ଧରୁଆଙ୍କ ସହ ଗ୍ରାମର ଅନେକ ଭକ୍ତ ଯୋଗଦେଇ ପୂଜାରେ ସହଯୋଗ କରିଥିଲେ।

# କୋଇଲା ଖଣି ସ୍ଥିତି ପରଖିଲେ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ

ସମ୍ବଲପୁର/ରେଙ୍ଗାଲି,୪।୧୧ (ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର ରେଙ୍ଗାଲି ତହସିଲ ଅଧୀନ ତଲାବିରା କୋଇଲା ଖଣି-୧ ଓ ୨ ଉତ୍ତୋଳନ କରୁଥିବା ଏନ୍ଏଲ୍‌ସି କମ୍ପାନୀ ବିରୋଧରେ ଅଭିଯୋଗ ପରେ ପ୍ରଶାସନର ନିଦ ଭାଙ୍ଗିଛି । ବୁଧବାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼,ସମ୍ବଲପୁର ଆଞ୍ଚଳିକ ଅଧିକାରୀ ରମେଶ କୁମାର ଏକ୍କା କୋଇଲା ଖଣି ଓ ନିକଟସ୍ଥ ଗ୍ରାମଗୁଡିକୁ ପରିଦର୍ଶନ କରିଛନ୍ତି । ସେ ପ୍ରଥମେ ଖଣି ଭିତରକୁ ଯାଇ ଜଳାଶୟ ଓ କୋଇଲା ଉତ୍ତୋଳନ ସ୍ଥଳ ଦେଖିଥିଲେ । ପରେ ଆଖପାଖ ଗ୍ରାମକୁ ଯାଇ ଲୋକମାନଙ୍କ ସହ ଆଲୋଚନା କରିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଘେରି ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ କହିଥିଲେ । ଖଦୁପଡାରେ ମାଟି ପକା, ପଥରଖାଦାନରେ ବ୍ଲାଷ୍ଟିଂ କରିବା,କୋଇଲାଖଣିରୁ ନିର୍ଗତ ତେଲ ବିଭିନ୍ନ ରାସାୟନିକ ପଦାର୍ଥ ମିଶା ପାଣି ଗ୍ରାମରେ ଥିବା ଜଳାଶୟରେ ମିଶୁଛି ବୋଲି ଲୋକେ କହିଥିଲେ । ଏଥିପାଇଁ ଗ୍ରାମବାସୀ ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଚାଷଜମିକୁ ସେହି ପାଣି ଆସିବା ଦ୍ୱାରା ଫସଲ ନଷ୍ଟ ହେଉଛି ବୋଲି ଗ୍ରାମବାସୀ କହିଥିଲେ । ପରେ ତାଲଚିକ୍ରା ଗ୍ରାମକୁ ଅଧିକାରୀ ଦଳ ଯାଇଥିଲେ । ସେଠାରେ ଗ୍ରାମ୍ୟ ରାସ୍ତା ନିର୍ମାଣ କରିବା ପରେ କୋଇଲା ଉତ୍ତୋଳନ କରାଯାଉ ବୋଲି ଦାବି ହୋଇଥିଲା। ଏଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅଧିକାରୀ ଏକ୍କା କହିଥିଲେ । କର୍ମଜୀବୀ ଏକତା ମଞ୍ଚ ଆବାହକ ହେମନ୍ତ ପାଣ୍ଡେଙ୍କ ସମେତ ବିସ୍ଥାପିତମାନେ ଉପସ୍ଥିତ ରହିଥିଲେ ।


ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀମାନେ ସମ୍ବଲପୁର ଏନ୍ଏଲ୍‌ସି କୋଇଲା ଖଣି ଓ ବିସ୍ଥାପିତ ଗ୍ରାମ ପରିଦର୍ଶନ କରୁଛନ୍ତି ।

# ବିଦ୍ୟୁତ୍ ସେବାରୁ ବଞ୍ଚିତ ଡୁମାଲପଡ଼ାବାସୀ

କର୍ଲାମୁଣ୍ଡା, ୪।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ଡୁମାଲପଡାବାସୀଙ୍କୁ ମିଳିନି ବିଦ୍ୟୁତ୍ ସେବା। ୬ ମାସରୁ ଊର୍ଦ୍ଧ୍ୱ ହେବ ଗାଁରେ ଖୁଣ୍ଟ ପୋତାଯାଇଛି। ଘରକୁ ବିଦ୍ୟୁତ୍ ସଂଯୋଗ ବୋର୍ଡ ଓ ସୁଇଚ୍ ଦିଆଯାଇଛି। ହେଲେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ସୌଭାଗ୍ୟ ଜ୍ୟୋତି ଯୋଜନାରେ ଏନଟିପିସି ଦ୍ୱାରା ପରିଚାଳିତ ଏହି ବିଦ୍ୟୁତ ସଂଯୋଗ କାମ ସରିପାରୁ ନାହିଁ। ଫଳରେ ଡୁମାଲପଡାର କମଳ କାମ୍ପ, ଗଡତିଆ କାମ୍ପ, ବସନ୍ତ କାମ୍ପ, ସୁଦାମ କାମ୍ପ, ଜୟଶଙ୍କର ପଧାନ, ଆର୍ତ୍ତତ୍ରାଣ ମହାକୁର, ହୃଷୀ ଭୋଇ, ଦୁଃଶାସନ ମହାକୁର, ସଂକୀର୍ତ୍ତନ ଭୋଇ ପ୍ରମୁଖ ବିଦ୍ୟୁତ୍ ସଂଯୋଗ ପାଇବାରୁ ବଞ୍ଚିତ ରହିଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୁଜିତ ପଟେଲଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।


ରେଗଡା ଡୁମାଲପଡାବାସୀଙ୍କ ଘରେ ଲାଗିଥିବା ବିଦ୍ୟୁତ୍ ବୋର୍ଡ।

# ମିଥ୍ୟା ଲୁଟ୍ ବାହାନା କରିଥିବା ବ୍ୟକ୍ତିଙ୍କୁ ଛାଡ଼ିଦେଲା ପୋଲିସ

ଲୋଇସିଂହା, ୪।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅଞ୍ଚଳର ଜଣେ ଯୁବକ ବ୍ୟାଙ୍କକୁ ଟଙ୍କା ଜମା କରିବାକୁ ଆସିଥିବା ବେଳେ ଲୁଟ୍‌ର ଶିକାର ହୋଇଥିବା ଅଭିଯୋଗ ହୋଇଥିଲା। ଦୁର୍ବୃତ୍ତମାନେ କଳା ପଲ୍‌ସରରେ ଆସି ତାଙ୍କଠାରୁ ୨ଲକ୍ଷ ୪୨ହଜାର ଟଙ୍କା ଲୁଟି ନେଇଥିବା ସେ ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତର ସହ ନେଇ ପୋଲିସ ତନାଘନା ଚଳାଇଥିଲା। ହେଲେ ଅଭିଯୋଗକାରୀ ଯୁବକ ଜଣକ ଉକ୍ତ ଟଙ୍କାକୁ ବାଟମାରଣା ପାଇଁ ମିଥ୍ୟା ଲୁଟ୍ ବାହାନା କରିଥିବା ଜଣାପଡିଥିଲା। ହେଲେ ସବୁ କିଛି ଜାଣିଲା ପରେ ବି ପୋଲିସ ମିଛ ଅଭିଯୋଗକାରୀଙ୍କୁ ଛାଡିଦେଇଛି। ସୂଚନା ଅନୁଯାୟୀ, ହୀରାପୁର ଅଞ୍ଚଳର ଉକ୍ତ ଯୁବକ ଜଣକ ବଲାଙ୍ଗୀରସ୍ଥିତ ଏକ ବାଇକ ଶୋ'ରୁମରେ ଏଜେଣ୍ଟ ଭାବେ କାମ କରନ୍ତି । ସେ ଘଟଣା ଦିନ ୨ଲକ୍ଷ ୪୨ହଜାର ଟଙ୍କା ଅସୁଲ କରି ଉକ୍ତ ଟଙ୍କାକୁ ଲୋଇସିଂହା ଏସ୍‌ବିଆଇକୁ ଜମା ପାଇଁ ଆସୁଥିଲେ। ୨୬ ନଂ. ଜାତୀୟ ରାଜପଥର କୁଶଙ୍ଗାଇ ପୋଲ ନିକଟରେ ଏକ ବାଇକ୍‌ରେ ୨ଜଣ ଯୁବକ ଆସି ତାଙ୍କୁ ଅଟକାଇ ବାଇକ ହ୍ୟାଣ୍ଡଲରେ ଝୁଲା ଯାଇଥିବା ଟଙ୍କା ବ୍ୟାଗକୁ ଛଡାଇ ନେଇ ଫାସଡ ପଟକୁ ଫେରାର ହୋଇ ଯାଇଥିବା ନେଇ ସେ ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ । ଆଇଆଇସି ଲଳିତା ଲାକ୍ରାଙ୍କୁ ପଚାରିବାରୁ ମୂଳରୁ ଯୁବକଙ୍କୁ ସନ୍ଦେହ କରାଯାଉଥିଲା। ତେବେ ମିଛ ଅଭିଯୋଗ କରିଥିବା ନେଇ ସେ ଲିଖିତ ଭାବେ ଜଣାଇବା ପରେ ତାଙ୍କୁ ଛାଡି ଦିଆଯାଇଛି ବୋଲି ସେ କହିଛନ୍ତି।

# ମିଳିଛି ପଟ୍ଟା, ହେଉନି ଜମି ଚିହ୍ନଟ

## ତହସିଲ କାର୍ଯ୍ୟାଳୟ ଘେରିଲେ ହିତାଧିକାରୀ

ଅମରପାଲି,୪।୧୧(ଡି.ଏନ.ଏ)

ଆଜିକୁ ୮ବର୍ଷ ହେଲା ଜମି ପଟ୍ଟା ମିଳିଛି। ମାତ୍ର ଜମି ଚିହ୍ନଟ ହେଉନି । ବାରମ୍ବାର ଅଭିଯୋଗ କଲେ ମଧ୍ୟ ଜମି ଚିହ୍ନଟ ହେଉ ନ ଥିବାରୁ ମଙ୍ଗଳବାର ହିତାଧିକାରୀମାନେ ତହସିଲ ଅଫିସ ଘେରିଛନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତର ବିଶାଳପାଲି ଗ୍ରାମରେ ପ୍ରାୟ ୩୦ ଜଣ ଭୂମିହୀନଙ୍କୁ ୨୦୧୨ ମସିହାରେ ଜମି ପଟ୍ଟା ପ୍ରଦାନ କରାଯାଇଥିଲା । ସେମାନଙ୍କୁ ପ୍ରାୟ ୧୦୦ ଡିସିମିଲ ଲେଖାଏଁ ଜମି ଦିଆଯାଇଥିଲା। ତେବେ ସେହି ଦିନଠାରୁ ସେମାନଙ୍କୁ ମିଳିଥିବା ଜମିକୁ ଚିହ୍ନଟ କରାଯାଇନାହିଁ। ଏବେ ସେମାନଙ୍କ ମଧ୍ୟରୁ ଅନେକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି କରିବା ପାଇଁ କାର୍ଯ୍ୟାଦେଶ ପାଇଛନ୍ତି । ଜମି ପଟ୍ଟା ଥିଲେ ମଧ୍ୟ ଜମି ଚିହ୍ନଟ ହୋଇ ନ ଥିବାରୁ ସେମାନେ ଘର ତିଆରି କାମ ଆରମ୍ଭ କରିପାରୁ ନାହାନ୍ତି । ଫଳରେ ଏବେ ମଧ୍ୟ ଅନେକ ପରିବାର କଚ୍ଚା ଘରେ ରହୁଛନ୍ତି । ଉକ୍ତ ହିତାଧିକାରୀମାନେ ବିଭିନ୍ନ ସମୟରେ ତହସିଲଦାର, ଆରଆଇ, ସ୍ଥାନୀୟ ଜନପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ମଙ୍ଗଳବାର ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁଙ୍କ ନେତୃତ୍ୱରେ ପ୍ରାୟ ୩୦ଜଣ ହିତାଧିକାରୀ ବୀରମହାରାଜପୁର ତହସିଲକୁ ଆସି ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ତହସିଲଦାର ରଞ୍ଜନ ପରିଡା ଯଥାଶୀଘ୍ର ଜମି ଚିହ୍ନଟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତୁରନ୍ତ ଜମି ଚିହ୍ନଟ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।


ବିଶାଳପାଲି ଗ୍ରାମର ଭୂମିହୀନ ପରିବାର ତହସିଲ ଅଫିସ ଘେରାଉ କରିଛନ୍ତି।

## ଗ୍ୟାରେଜ ମିସ୍ତ୍ରିଙ୍କ ମୃତଦେହ ଉଦ୍ଧାର

ବରଗଡ଼ ଅଫିସ୍: ବରଗଡ଼ ସହରର ବାନ୍ଧୁଟିକ୍ରା ଛକ ନିକଟ ଏକ ନାଳାରୁ ବୁଧବାର ଜଣେ ଗ୍ୟାରେଜ ମିସ୍ତ୍ରିଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକ ହେଲେ ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ଼ ନଂ-୮ର ରାଜୁ ମହାରଣା(୪୦) । ସେ ସହରର ଏକ କାର୍ ଗ୍ୟାରେଜରେ କାମ କରୁଥିଲେ। ମୃତ୍ୟୁର କାରଣ ଜଣାପଡ଼ିନାହିଁ। ବରଗଡ଼ ଟାଉନ ଥାନା ପୋଲିସ ମୃତଦେହ ଉଦ୍ଧାର କରିଛି। ମୃତଦେହ ବ୍ୟବଚ୍ଛେଦ କରି ପୋଲିସ ତଦନ୍ତ କରୁଛି ।

## ସଂକ୍ଷେପରେ

### ନବ ବିବାହିତାଙ୍କୁ ନିର୍ଯାତନା ଅଭିଯୋଗ

**ରେଢ଼ାଖୋଲ, ୪।୧୧(ଡି.ଏନ.ଏ.) :** ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଅଧୀନ ବର୍ଷିକିଆ ଗାଁର ଜଣେ ନବବିବାହିତାଙ୍କୁ ତାଙ୍କ ସ୍ୱାମୀ, ଶାଶୁ, ଦେଢ଼ଶୁର ଓ ଯା ମିଶି ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ନିର୍ଯାତିତା ତପସ୍ୱିନୀ ମୁଣ୍ଡାଙ୍କ ଅଭିଯୋଗ ଆଧାରରେ ରେଢ଼ାଖୋଲ ଥାନା ପୋଲିସ ଏକ ମାମଲା(ନଂ. ୧୯୪/୨୦) ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି। ଅଭିଯୋଗ ଅନୁଯାୟୀ ତପସ୍ୱିନୀ ମୁଣ୍ଡା ଦେବଗଡ ଜିଲା ରିଆମାଲ ଥାନା ବିଲେଇନାଳି ଗ୍ରାମର ନେତ୍ରାନନ୍ଦ ଧାଙ୍ଗରଙ୍କୁ ଗତ ଜୁନ ୨୮ ତାରିଖରେ ବୈଦିକ ରୀତିରେ ବିବାହ କରିଥିଲେ। ତେବେ ବିବାହ ପରେ ସ୍ୱାମୀ ନେତ୍ରାନନ୍ଦ, ଦେଢ଼ଶୁର ଯାତ୍ରା ଧାଙ୍ଗର ଓ ଯା ଶାନ୍ତି ଧାଙ୍ଗର ମିଶି ଶାରୀରିକ ନିର୍ଯାତନା ଦେଉଥିଲେ। ଦିନକୁ ଦିନ ଯାତନା ବଢ଼ିବାରୁ ତପସ୍ୱିନୀ ବାପା ଘରକୁ ଚାଲି ଆସି ଏ ନେଇ ରେଢ଼ାଖୋଲ ଥାନାରେ ଅଭିଯୋଗ କରିଛନ୍ତି।

### ବାପାଙ୍କ ପରେ ପୁଅର ଗଲା ଜୀବନ

**ବରଗଡ଼ ଅଫିସ୍,୪।୧୧:** ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ଗ୍ରାମରେ ସପ୍ତାହକ ମଧ୍ୟରେ ବାପପୁଅଙ୍କ ଜୀବନ ଯାଇଛି । ମୃତକମାନେ ହେଲେ ଚନ୍ଦ୍ରଶେଖର ନାଏକ(୬୫) ଏବଂ ତାଙ୍କ ପୁଅ ପ୍ରଦୀପ(୪୨)। ବରଗଡ଼ ବରଡ଼ୋଲର ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ମୃତ ବାପପୁଅଙ୍କ ଶବ ସତ୍କାର କରି ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିଛନ୍ତି। ପ୍ରଦୀପ ସୋହେଲା ପ୍ରାଣୀ ଚିକିତ୍ସାଳୟରେ ଗୋମିତ୍ରଭାବେ କାର୍ଯ୍ୟ କରି ଆସୁଥିଲେ । ସେ ଗତମାସରୁ ଅସୁସ୍ଥ ଥିଲେ ଏବଂ ନିଜ ଘରେ ବୁଧବାର ସକାଳେ ମୃତ୍ୟୁ ହୋଇଥିଲା। ଖବର ପାଇ ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲ, ନିଧାନ ଦନ୍ତା, ନିଲେଶ ପଧାନ, ବିକାଶ ଭୋଇ, ସୁମନ୍ତ ଭୋଇ ପ୍ରମୁଖ ମୃତକଙ୍କ ଘରକୁ ପହଞ୍ଚିଥିଲେ ଏବଂ ଶବକୁ ପିପଲମୁଣ୍ଡା ସ୍ୱର୍ଗଦ୍ୱାରକୁ ଆଣି ଦାହ କରିଥିଲେ। ତାଙ୍କ ପୁଅ ପ୍ରେମାନନ୍ଦ ମୁଖାଗ୍ନି ଦେଇଥିଲେ। ଉଲ୍ଲେଖନୀୟ ଯେ, ମୃତ ପ୍ରଦୀପଙ୍କ ବାପା ଚନ୍ଦ୍ରଶେଖର ଅସୁସ୍ଥ ହେବା ପରେ ତାଙ୍କୁ ବରଗଡ଼ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଗତମାସ ୨୯ତାରିଖ ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା । ଚନ୍ଦ୍ରଶେଖରଙ୍କ ଶବକୁ ମଧ୍ୟ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ଦାହ କରିଥିଲେ। ସପ୍ତାହକ ମଧ୍ୟରେ ବାପପୁଅଙ୍କ ଜୀବନ ଚାଲିଯିବା ଅଞ୍ଚଳବାସୀଙ୍କ ସ୍ତବ୍ଧ, ଶୋକାଭିଭୂତ କରିଛି

### ଏଆଇଟିୟୁସିର ଶତବାର୍ଷିକୀ କାର୍ଯ୍ୟକ୍ରମ

**ସମ୍ବଲପୁର, ୪।୧୧ (ବ୍ୟୁରୋ):** ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସ (ଏଆଇଟିୟୁସି)ର ଶତବାର୍ଷିକୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଦିପଡାସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ରବୀନ୍ଦ୍ର ମହାନ୍ତି ଅଧକ୍ଷତା କରିଥିଲେ। ସାମ୍ୟବାଦି ନେତା ତଥା ଓଡିଶା ରାଜ୍ୟ ଏଆଇଟିୟୁସିର ପୂର୍ବତନ ସଭାପତି ପ୍ରଫେସର ଦୁର୍ଗାପ୍ରସାଦ ନାୟକ କହିଥିଲେ ଯେ, ଶ୍ରମିକମାନଙ୍କ ଉନ୍ନତି ଲାଗି ସଙ୍ଗଠନ ଗଠିତ ହୋଇଥିଲା। ଦୀର୍ଘ ଦିନର ସଂଗ୍ରାମ ଫଳରେ ଶ୍ରମିକମାନଙ୍କ ଯଥାସମ୍ଭବ ଅଧିକାର ହାସଲ ହୋଇଛି। ତଥାପି ସଂଗ୍ରାମ ଜାରି ରହିବ ବୋଲି ଆହ୍ୱାନ ଦେଇଥିଲେ। ବ୍ଲକସ୍ତରରେ ମଧ ଅଧିକରୁ ଅଧିକ କାର୍ଯ୍ୟକ୍ରମ କରାଯିବାକୁ ଏଆଇଟିୟୁସି ନେତା ଏନ୍ ଗୋପାଳ ସୂଚନା ଦେଇଥିଲେ ।

### ଟ୍ରେଲର, ଡମ୍ଫରରୁ ଡିଜେଲ ଚୋରି

**ବଡଗାଁ, ୪।୧୧ (ଡି.ଏନ.ଏ.):** ସୁନ୍ଦରଗଡ ଜିଲା ବଡଗାଁ ଥାନା ଅନ୍ତର୍ଗତ ବାଇବାଇ ଗ୍ରାମ ନିକଟ ରାଜ୍ୟ ରାଜପଥ-୧୦ ପାର୍ଶ୍ୱରେ ଥିବା ଏକ ଢ଼ାବାଠାରେ ଅଟକି ଥିବା ୩ଟି ଟ୍ରେଲର ଓ ଡମ୍ଫରରୁ ଦୁର୍ବୃତ୍ତମାନେ ମଙ୍ଗଳବାର ରାତିରେ ୧୨ ଶହ ଲିଟର ଡିଜେଲ ଚୋରି କରି ନେଇଛନ୍ତି। ସୂଚନାନୁଯାୟୀ, ଡ୍ରାଇଭର ରାମଦତ୍ତ ରାୟ, କମଳ ରାୟ ଓ ରାଜେନ୍ଦ୍ର ଯାଦବ ରାଉରକେଲାରୁ ରାଏପୁର ଯାଉଥିଲେ। ରାତି ୧ଟାରେ ଢ଼ାବା ସମ୍ମୁଖରେ ଗାଡି ରଖି ଭିତରେ ଶୋଇଥିଲେ। ସକାଳେ ଗାଡିର ତେଲ ଟାଙ୍କି ଖୋଲାଥିବା ଦେଖି ଯାଞ୍ଚ କରିବାରୁ ୩ଟି ଗାଡିରୁ ୧୨ ଶହ ଲିଟର ଡିଜେଲ ଚୋରି ହୋଇଥିବା ଜାଣି ବୁଧବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

# ଦାଦନ ସମସ୍ୟା ରୋକିପାରୁନି ଏମ୍‌ଜିଏନ୍‌ଆର୍‌ଇଜିଏସ୍

**ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୪।୧୧(ଡି.ଏନ.ଏ.)**

## କାମ କରି ବି ମିଳୁନି ମଜୁରି, ଦାଦନ ଯିବାକୁ ବାଧ ହେଉଛନ୍ତି ଶ୍ରମିକ



ସମରସିଂ ଫଟାମୁଣ୍ଡାରେ ଜମିରେ ବର୍ଷାଜଳ ସଂରକ୍ଷଣ ପାଇଁ ଖୋଳାଯାଇଥିବା ଟ୍ରେଞ୍ଚ ।

କରୋନା ଲକ୍‌ଡାଉନ୍ ପରେ ରାଜ୍ୟ ବାହାରେ କାମ କରୁଥିବା ଲକ୍ଷାଧିକ ପ୍ରବାସୀ ଓ ଦାଦନ ଶ୍ରମିକ ଜିଲାକୁ ଫେରି ଆସିଥିଲେ। ସେମାନଙ୍କୁ ଜିଲା ଭିତରେ କାମ ଓ ଖାଦ୍ୟ ଯୋଗାଇବା ବଡ଼ ସମସ୍ୟାଭାବେ ଉଭା ହୋଇଥିଲା। ଶିଳ୍ପବିହୀନ ବଲାଙ୍ଗୀର ଜିଲାରେ ଏତେ ସଂଖ୍ୟକ ଲୋକଙ୍କୁ କାମ ଯୋଗାଇବାର ଅନ୍ୟ ବିକଳ୍ପ ନ ଥିବାରୁ ପ୍ରଶାସନ ଅଡୁଆରେ ପଡିଥିଲା। ଜିଲାରେ କାର୍ଯ୍ୟକାରୀ ହେଉଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଦାଦନ ଶ୍ରମିକଙ୍କୁ ନିୟୋଜିତ କରି କାମ ଯୋଗାଇ ଦିଆଯିବ ବୋଲି ପ୍ରଶାସନିକ ଅଧିକାରୀମାନେ ସେତେବେଳେ କହିଥିଲେ। ଗତ ଜୁନ୍‌ମାସରେ ଜିଲାରେ ଗୋଟିଏ ଦିନରେ ଲକ୍ଷାଧିକ ଲୋକଙ୍କୁ କାମ ଯୋଗାଇ ଦିଆଯାଇଥିଲା ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ସେହିପରି ଗତ ଅଗଷ୍ଟ ମାସରେ ୧୦୦ ଦିନର କାମ ଯୋଗାଇବାରେ ବଲାଙ୍ଗୀର ଜିଲା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା କଥା କୁହାଯାଇଥିଲା। ଜିଲାର ୩୮୯୮ପରିବାରକୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଥିବା ସୂଚନା ଜଣାପଡିଥିଲା। ଏସବୁ ରିପୋର୍ଟ ପରେ ଜିଲାରେ ଏମ୍‌ଜିଏନ୍‌ଆରଇଜିଏସ୍ ଲୋକଙ୍କୁ ଆକୃଷ୍ଟ କରୁଛି ବୋଲି ଧାରଣା ସୃଷ୍ଟି ହୋଇଥିଲା। ମାତ୍ର ତୃଣମୂଳସ୍ତରରୁ ଖବର ସଂଗ୍ରହ ପରେ ଏମ୍‌ଜିଏନ୍‌ଆରଇଜିଏସ୍‌କୁ ନେଇ ଦାଦନ ଶ୍ରମିକମାନେ ବିଶେଷ ଲାଭବାନ ହେଉ ନ ଥିବା ଅଭିଯୋଗ ହେଉଛି ।

ତୁରେକେଲା ବ୍ଲକ କୁଇବାହାଲ ପଞ୍ଚାୟତର ସମରସିଂ ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାମ କରିଥିବା ଶ୍ରମିକମାନଙ୍କୁ ଠିକଣା ସମୟରେ ଟଙ୍କା ମିଳୁ ନ ଥିବା ଅଭିଯୋଗ ହୋଇଛି। ସମରସିଂ ଫଟାମୁଣ୍ଡାରେ ୨୦୨୦-୨୧ ଆର୍ଥିକ ବର୍ଷରେ ବର୍ଷା ଜଳ ସଂରକ୍ଷଣ ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ(ଷ୍ଟ୍ରେଗର୍ଡ କଣ୍ଟର ଟ୍ରେଞ୍ଚେସ୍) କାମ କରାଯାଇଥିଲା। ୨ମାସ ବିତିଯାଇଥିଲେ ମଧ ଏହି କାମରେ ନିୟୋଜିତ ଶ୍ରମିକ ମଜୁରି ପାଇ ନ ଥିବା ଅଭିଯୋଗ କରିଛନ୍ତି । ଏପରି କି ସେଠାରେ ଲାଗିଥିବା ଫଳକରେ ସମ୍ପୂର୍ଣ୍ଣ ବିବରଣୀ ଦିଆଯାଇ ନାହିଁ। ଠିକଣା ସମୟରେ ପାଉଣା ପାଇ ନ ଥିବାରୁ ଦାଦନ ଶ୍ରମିକଭାବେ ରାଜ୍ୟ ବାହାରକୁ ଯିବା ଛଡା ଅନ୍ୟ ଉପାୟ ନାହିଁ ବୋଲି ସେମାନେ କହିଛନ୍ତି। ପୂର୍ବରୁ ଜିଲାର ଆଗଲପୁର ବ୍ଲକ ବୁଢୁଲା ପଞ୍ଚାୟତରେ ଏମଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକ ପରିବର୍ତ୍ତେ ମେଶିନ କାମ କରୁଥିବା ଅଭିଯୋଗ ହୋଇଥିଲା। ମେଶିନ୍ କାମ କଲାବେଳର ଭିଡିଓ ମଧ ଭାଇରାଲ ହୋଇଥିଲା। ମେଶିନ୍ କାମ କରି କାଗଜକଲମରେ ପ୍ରଶାସନ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସଫଳତା ବଖାଣୁଥିଲେ ମଧ ତୃଣମୂଳସ୍ତରରେ ଶ୍ରମିକଙ୍କ ହାତରେ କାମ ଓ ପାଉଣା ଠିକ୍‌ଭାବେ ମିଳୁ ନ ଥିବାରୁ ଦାଦନପ୍ରବଣ ଜିଲାରେ ଶ୍ରମିକମାନେ ବାଧହୋଇ ରାଜ୍ୟ ବାହାରକୁ ଯାଉଛନ୍ତି। ଏ ନେଇ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁଙ୍କୁ ପଚାରିବାରୁ ତୁରେକେଲା ବ୍ଲକ ସମରସିଂରେ କ'ଣ ହୋଇଛି ଦେଖିଲା ପରେ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ବୃଦ୍ଧାଙ୍କୁ ଆକ୍ରମଣ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ପୋଲିସ

**ଲୋଇସିଂହା, ୪।୧୧(ଡି.ଏନ.ଏ.)**

ନିଅଁ ଖୋଳାକୁ କେନ୍ଦ୍ର କରି ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ସାଲେଭଟା ଫାଣ୍ଡି ଅନ୍ତର୍ଗତ ହରଭଙ୍ଗା ଗାଁର ଶକୁନ୍ତଳା ସୁନା ନାମ୍ନୀ ଜଣେ ମହିଳାଙ୍କୁ ତାଙ୍କ ପଡୋଶୀ ପରିବାରର ଲୋକେ ଆକ୍ରମଣ କରିଥିଲେ। ଏ ନେଇ ଶକୁନ୍ତଳାଙ୍କ ସ୍ୱାମୀ ଯଦୁ ସୁନା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ୩ଜଣଙ୍କ ବିରୋଧରେ ମାମଲା(ନଂ.୩/୨୦) ରୁଜୁ କରି ଚୁପ୍ ହୋଇ ବସିଛି। ଇତିମଧ୍ୟରେ ୧୧ମାସ ବିତି ଯାଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇନି ବୋଲି ବୃଦ୍ଧ ଦମ୍ପତି ଅଭିଯୋଗ କରିଛନ୍ତି। ଚଳିତବର୍ଷ ଆଗଲପୁର ପଞ୍ଚାୟତ ସମିତିରୁ ବୃଦ୍ଧାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଘରର କାର୍ଯ୍ୟାଦେଶ ମିଳିଥିଲା। ସେ ନିଜ ପ୍ଲଟରେ ନିଅଁ ଖୋଳିବା ବେଳେ ତାଙ୍କ ପଡୋଶୀ ପରିବାର ବିରୋଧ କରିବା ସହ ଆକ୍ରମଣ କରିଥିଲେ । ସାଲେଭଟା ଫାଣ୍ଡି ଅଧିକାରୀ ଆର୍ତ୍ତତ୍ରାଣ ସାହୁ କହିଛନ୍ତି ଉକ୍ତ ମାମଲାର ଚାର୍ଜଶିଟ ହୋଇ ସାରିଛି। ଆଟ୍ରୋସିଟି ମାମଲା ହୋଇଥିବାରୁ ମାମଲା ଏସ୍‌ଡିପିଓଙ୍କ ଅଧୀନରେ ରହିଛି। କରୋନା ଯୋଗୁ ତଦନ୍ତ ବିଳମ୍ବ ହୋଇଛି ।

## ଜିଲାପାଳଙ୍କ ଅଫିସ ଆଗରେ ଶ୍ରମିକଙ୍କ ବିକ୍ଷୋଭ




ଶ୍ରମିକ କାର୍ଡ଼ ଦାବିରେ ଶ୍ରମିକଙ୍କ ବିକ୍ଷୋଭ ।

**ବରଗଡ଼ ଅଫିସ୍,୪।୧୧**

ମହାମାରୀ କରୋନା ଯୋଗୁ ଶ୍ରମିକଙ୍କ ଜୀବନ ଜୀବିକା ମଧ୍ୟ ପ୍ରଭାବିତ ହୋଇଛି। ଏଥିରେ ସେମାନେ ରୋଜଗାର ହରାଇ ଦୁର୍ବିସହ ଜୀବନ ଜୀଉଁଛନ୍ତି। ଏଭଳିସ୍ଥଳେ ନିର୍ମାଣ ଶ୍ରମିକ କାର୍ଡ଼ ପଞ୍ଜୀକରଣ କିମ୍ୱା ନବୀକରଣ ହୋଇପାରୁନାହିଁ। ଏହାକୁ ନେଇ ଆମ୍ ଆଦ୍‌ମୀ ପାର୍ଟି ଉଦ୍‌ବେଗ ପ୍ରକାଶ କରିଛି। ବୁଧବାର ଦଳର ନେତୃତ୍ୱରେ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ ସହିତ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲା ଶ୍ରମ ଅଧିକାରୀଙ୍କ ବିୟୋଗ ପରେ ଜିଲାରେ ନୂତନ ଶ୍ରମ ଅଧିକାରୀ ଯୋଗ ଦେଇ ନାହାନ୍ତି । ଫଳରେ ଶ୍ରମିକ କାର୍ଡ଼ ନବୀକରଣ କିମ୍ବା ପଞ୍ଜିକରଣ ହୋଇ ପାରୁ ନାହିଁ। ଏଥିପାଇଁ ଶ୍ରମିକମାନେ ବିଭିନ୍ନ ସରକାରୀ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହୋଇଛନ୍ତି । ତେଣୁ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସ୍ମାରକପତ୍ରରେ ନିବେଦନ କରାଯାଇଛି । ଦଳର ଆବାହକ ଭବାନୀ ପ୍ରସାଦ ସାହୁ, ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ମମତା ବେହେରା, ଯଶୋବନ୍ତୀ ପୋଢ଼, ସବିତା ମଲ୍ଲିକ, ପବିତ୍ର ଦେହେରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ହାଇସ୍କୁଲ କୋଠରିରୁ ପିଅନଙ୍କ ମୃତଦେହ ଉଦ୍ଧାର

**ଦେବଗଡ଼,୪।୧୧(ଡ଼ି.ଏନ୍.ଏ.)**

ଦେବଗଡ଼ ଜିଲାର କୁଣ୍ଢେଇଗୋଳା ଥାନା ନୂଆଁଡିହୀସ୍ଥିତ ପଞ୍ଝୁପାଲି ସରକାରୀ ହାଇସ୍କୁଲର ଶ୍ରେଣୀ କୋଠରି ମଧ୍ୟରୁ ବୁଧବାର ପିଅନ ତ୍ରିଲୋଚନ ପ୍ରଧାନଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତ୍ୟୁର କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିଲେ ମଧ ପାରିପାର୍ଶ୍ୱିକ ପରିସ୍ଥିତିରୁ ପିଅନ ପ୍ରଧାନ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ବୁଧବାର ଶିକ୍ଷକମାନେ ସ୍କୁଲକୁ ଆସିବା ପୂର୍ବରୁ ପଞ୍ଝୁପାଲି ସରକାରୀ ହାଇସ୍କୁଲର ଶ୍ରେଣୀ କୋଠରୀଗୁଡିକର ତାଲା ଖୋଲାହୋଇଥିଲା । ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟ ଶିକ୍ଷକମାନେ ପିଅନ ପ୍ରଧାନଙ୍କୁ ଖୋଜାଖୋଜି କରି ନପାଇବାରୁ ସ୍କୁଲର ତାଲା ଖୋଲିବାପରେ ସେ କେଉଁଆଡେ ଚାଲିଯାଇଥିବେ ଭାବି ଚୁପ ରହିଥିଲେ। ତାଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାପରେ ସ୍କୁଲର ନବମ ଶ୍ରେଣୀ କକ୍ଷଟି ଭିତର ପଟୁ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା । ଫଳରେ ଉକ୍ତ ଶ୍ରେଣୀ କକ୍ଷ ମଧ୍ୟରେ କୌଣସି ଅଘଟଣ ଘଟିଥିବା ସେମାନଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ଫଳରେ ପ୍ରଧାନ ଶିକ୍ଷକ ଅଲେଖ ଗଡନାୟକ ଅନ୍ୟ ଶିକ୍ଷକମାନଙ୍କ ସହ ଆଲୋଚନା କରିବାପରେ ଏ ସମ୍ପର୍କରେ ଦେବଗଡ ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ସୂଚନା ଦେବାସହ ଆବଶ୍ୟକ ପଦକ୍ଷେପ ଗ୍ରହଣ ନିମନ୍ତେ କୁଣ୍ଢେଇଗୋଳା ଥାନା ପୋଲିସକୁ ଲିଖିତ ସୂଚନା ଦେଇଥିଲେ।

ସୂଚନା ପାଇ ଖଇରପାଲି ଫାଣ୍ଡି ଅଧିକାରୀ ବିଜୟ ଦେହୁରୀ ସଦଳବଳେ ଉକ୍ତ ସ୍କୁଲରେ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ନବମ ଶ୍ରେଣୀ କକ୍ଷ ଖୋଲିବାରୁ ଉକ୍ତ କକ୍ଷରେ ଥିବା ଫ୍ୟାନରେ ଏକ ରଶି ସହାୟତାରେ ତାଙ୍କର ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ । ତ୍ରିଲୋଚନଙ୍କ ମୃତଦେହ ଉଦ୍ଧାର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଡିଇଓ ଅଫିସ ସମ୍ମୁଖରେ ବିକ୍ଷୋଭ




ବୁଧବାର ସମ୍ବଲପୁର ଡିଇଓ ଅଫିସ ସମ୍ମୁଖରେ କଦଳୀଗଡ ଗ୍ରାମବାସୀ ବିକ୍ଷୋଭ କରୁଛନ୍ତି ।

**ସମ୍ବଲପୁର, ୪।୧୧ (ବ୍ୟୁରୋ)**

### ସମସ୍ୟା ଘେରରେ କଦଳୀଗଡ ଉଚ୍ଚ ବିଦ୍ୟାଳୟ

ସମ୍ବଲପୁର ଜିଲା କଦଳୀଗଡ ସରକାରୀ ଉଚ୍ଚ ବିଦ୍ୟାଳୟରେ ବହୁବିଧ ସମସ୍ୟା ଲାଗି ରହିଛି । ୧୯୬୯ରେ ଆରମ୍ଭ ହୋଇଥିବା ବିଦ୍ୟାଳୟର ଭିତ୍ତିଭୂମି ନ ଥିବା ବେଳେ ପାନୀୟ ଜଳ, ରୋଷେଇ ଘର, ଶୌଚାଳୟ ସମସ୍ୟା ରହିଛି । ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୨୬ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁନ୍ତି । କିନ୍ତୁ ଏଠାରେ ଦୀର୍ଘ ଦିନ ହେବ ସ୍କୁଲରେ ସ୍ଥାୟୀ ପ୍ରଧାନ ଶିକ୍ଷକ ଓ କିରାଣୀ ନାହାନ୍ତି । ଯଦ୍ୱାରା ସ୍କୁଲର ବିକାଶ ଓ ପାଠପଢ଼ାରେ ବାଧା ସୃଷ୍ଟି ହେଉଛି । ଏହାକୁ ଦୃଷ୍ଟିରେ ରଖି ଜିଲା ଶିକ୍ଷା ଅଧିକାରୀ କଦଳିଗଡ ଉଚ୍ଚ ବିଦ୍ୟାଳୟରେ ଜଣେ ସ୍ଥାୟୀ ପ୍ରଧାନଶିକ୍ଷକ ଓ କିରାଣି ନିଯୁକ୍ତି କରିବା ଲାଗି ଦାବି କରିଛନ୍ତି । ଦାବିଗୁଡିକ ସମାଧାନ ନ ହେଲେ ୭ ଦିନ ମଧ୍ୟରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସମ୍ବଲପୁର ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳଙ୍କୁ ପ୍ରଦତ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ବୁଧବାର ଅପରାହ୍ନ ୧ଟାରେ ଡିଇଓ ଅଫିସ ସମ୍ମୁଖରେ ଅଞ୍ଚଳବାସୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହପରେ ଆନ୍ଦୋଳନକାରୀଙ୍କ ସହ ଜିଲା ଶିକ୍ଷା ଅଧିକାରୀ ଆଲୋଚନା କରି ବୁଝାଇଥିଲେ। ସ୍ଥାୟୀ ପ୍ରଧାନଶିକ୍ଷକ ସକାଶେ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କୁ ପତ୍ର ଲେଖିବେ। ସେହିପରି ଶୀଘ୍ର କିରାଣୀ ନିଯୁକ୍ତି କରିବା ଦିଗରେ ପଦକ୍ଷେପ ନେବାକୁ କହିଥିଲେ। ଉତ୍ତମ ମହାକୁଡ, ଧର୍ମେନ୍ଦ୍ର କୁମାର, ଅଶୋକ କୁମାର ମହାକୁଡ, ବୃଷକେତୁ ପ୍ରଧାନ, ଭୁବନେଶ୍ୱର ପ୍ରଧାନ, ଗିରିଶ ଚନ୍ଦ୍ର ବାରିକ ପ୍ରମୁଖ ସାମିଲ ଥିଲେ ।

## ବ୍ୟବସାୟିକ କ୍ଷେତ୍ର ବୃଦ୍ଧି ଲକ୍ଷ୍ୟ




ଉଦ୍ୟମିତା ତାଲିମ ଶିବରରେ ଉପସ୍ଥିତ ଅତିଥିମାନେ ।

**କୁଆଁରମୁଣ୍ଡା,୪।୧୧(ଡି.ଏନ.ଏ)**

### ଉଦ୍ୟମିତା ତାଲିମ ଶିବିର ଉଦ୍‌ଘାଟିତ

ଅନୁସୂଚିତ ଜାତି ଓ ଜନଜାତିମାନଙ୍କର ଅର୍ଥନୈତିକ କ୍ଷମତା ବୃଦ୍ଧି ପାଇଁ ଇଚ୍ଛୁକ ଓ ଆଶାୟୀ ଉଦ୍ୟୋଗୀମାନଙ୍କୁ ଚିହ୍ନଟ କରି ସେମାନଙ୍କ ବ୍ୟବସାୟିକ ପରିଯୋଜନା ଓ ଉଦ୍ୟୋଗ ବିକାଶ ଦିଗରେ ପ୍ରଶିକ୍ଷଣ ସହ ଉଦ୍ୟୋଗ ପ୍ରତିଷ୍ଠା କରିବା ହେଉଛି ଉଦ୍ୟମିତା ବିକାଶ ଓ ତାଲିମ ଶିବିରର ଲକ୍ଷ୍ୟ ଓ ଆଭିମୁଖ୍ୟ । ସୋମବାର କୁଆଁରମୁଣ୍ଡା ବିଆରସିସି କେନ୍ଦ୍ରରେ ଅନୁଷ୍ଠିତ ଉଦ୍ୟମିତା ତାଲିମ ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଇଡିଆଇଆଇ ଭୁବନେଶ୍ୱର ଆଞ୍ଚଳିକ ମୁଖ୍ୟ ଡା. ସୁବ୍ରତ କୁମାର ବିଶ୍ୱାଳ ଏହି ମତବ୍ୟକ୍ତ କରିଛନ୍ତି । ଏହି ଶିବିରଟି ୩୦ ଦିନ ଧରି ଚାଲିବ ଓ ଶିବରରେ ବିଭିନ୍ନ ବ୍ୟାଙ୍କ, ଡିଆଇସି ଓ ଅନ୍ୟାନ୍ୟ ସରକାରୀ ପ୍ରତିଷ୍ଠାନର କର୍ତ୍ତୃପକ୍ଷମାନେ ଉପସ୍ଥିତ ରହି ସେମାନଙ୍କ ଯୋଜନା ସମ୍ପର୍କରେ ଉପସ୍ଥିତ ପ୍ରଶିକ୍ଷାର୍ଥୀମାନଙ୍କୁ ଅବଗତ କରାଇବେ। ଏହି କାର୍ଯ୍ୟକ୍ରମ ଇଡିଆଇଆଇ, ଏମ୍‌ଏସ୍‌ଏମ୍‌ଇ ଓ ଏନ୍‌ଏସ୍‌ଆଇସି ଆନୁକୂଲ୍ୟରେ ରାଜ୍ୟ ଓ ଦେଶର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଆଶାୟୀ ଓ ଇଚ୍ଛୁକ ଉଦ୍ୟୋଗୀମାନଙ୍କୁ ସମସ୍ତ ପ୍ରକାରର ସହାୟତା ପ୍ରଦାନ ପାଇଁ କାର୍ଯ୍ୟକ୍ରମ ଚାଲୁ ରଖିଛି । ପ୍ରାରମ୍ଭରେ ଏହି ତାଲିମ ଶିବିରକୁ ମୁଖ୍ୟଅତିଥି ଡା. ବିଶ୍ୱାଳ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କୁଆଁରମୁଣ୍ଡା ବିଡିଓ ମେଥେୟୁସ ଲାକ୍ରା, ଓଡିଶା ଜୀବିକା ମିଶନର ସୁନ୍ଦରଗଡ଼ ଜିଲା ପ୍ରବନ୍ଧକ ସାମୁଏଲ ଟପ୍ପୋ, ଇଡ଼ିଆଇଆଇ ଓଡିଶାର ଉପସ୍ଥାପକ ରାମଚନ୍ଦ୍ର ବେହେରା, କୁଆଁରମୁଣ୍ଡା ବ୍ଲକ ଓଏଲଏମ୍ ବିପିଏମ୍ ପ୍ରସନ୍ନ କୁମାର ମୋଦି, ବ୍ଲକ ସଞ୍ଚାଳିକା ରଶ୍ମିତା ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଶିବିରରେ ୩୦ ଜଣ ମହିଳା ପୁରୁଷ ପ୍ରଶିକ୍ଷାର୍ଥୀ ଉପସ୍ଥିତ ରହି ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି ।

## ଜୋର୍ ଧରିଲା କ୍ୟାନ୍‌ସର ହସ୍ପିଟାଲ ଦାବି

**ବରଗଡ଼ ଅଫିସ୍,୪।୧୧**

ବରଗଡ଼ ଜିଲାରେ କ୍ୟାନସର ହସ୍ପିଟାଲ ଦାବି ପୁଣି ଜୋର୍ ଧରିଛି । ବୁଧବାର ଜିଲା ଯୁବ କଂଗ୍ରେସ ଓ ଭାଜପା ପୃଥକଭାବେ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଯୁବ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ସ୍ମାରକପତ୍ରରେ ଗତ ଫେବୃୟାରୀ ମାସ ୬ତାରିଖ ଦିନ ଏକ ତିନିଜଣିଆ ପ୍ରତିନିଧି ଦଳ ବରଗଡ଼ ଆସି କ୍ୟାନସର ହସ୍ପିଟାଲ ପ୍ରତିଷ୍ଠା ନେଇ ନିରୀକ୍ଷଣ କରିଥିଲେ । ମାତ୍ର ଏପର୍ଯ୍ୟନ୍ତ ଏ ଦିଗରେ ଆଉ କୌଣସି ଅଗ୍ରଗତି ହୋଇପାରିନାହିଁ। ଫଳରେ କ୍ୟାନସର ହସ୍ପିଟାଲ ସ୍ଥାପନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କଂଗ୍ରେସ ଦାବି କରିଛି। ଯୁବ କଂଗ୍ରେସ ଜିଲା ସଭାପତି ସୁଶାନ୍ତ ସାହୁ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜିଲା ସଭାପତି ବ୍ରହ୍ମାନନ୍ଦ ମହାକୁଡ଼, ଅଭିଳାଷ ପତି, ଆଶିଷ ବେହେରା, ଅଭିଷେକ ନାୟକ, ଗୋବିନ୍ଦ ମେହେର ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ। ସେହିପରି ଭାଜପା ପକ୍ଷରୁ କ୍ୟାନସର ହସ୍ପିଟାଲ ସ୍ଥାପନ ଏବଂ ବରଗଡ଼ ସହରରେ ରହିଥିବା ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି। ଭାଜପା କର୍ମୀମାନେ ଜିଲାପାଳ ଅଫିସ ଆଗରେ ଧାରଣା ଦେବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସୁରେଶ୍ୱର ଶତପଥୀ, ରବି ନାରାୟଣ ଦାଶ, ସୁବ୍ରତ ହୋତା, ଅବନୀକାନ୍ତ ପଣ୍ଡା, ବିଜୟ ଦାସ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।



କ୍ୟାନ୍‌ସର ହସପିଟାଲ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା କଂଗ୍ରେସ କର୍ମୀମାନେ ।

## ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ସୋନପୁର,୪।୧୧(ନି.ପ୍ର.)**

ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ସୋନପୁର ଥାନା ଅର୍ଜୁନପୁର ଛକ ନିକଟରେ ବୁଧବାର ଭୋର ସମୟରେ ଏକ ସଡକ ଦୁର୍ଘଟଣା ଘଟିଛି । ଏଥିଯୋଗୁ ବୌଦ୍ଧ ଜିଲା ପୁରୁଣାକଟକ ଅଞ୍ଚଳର ଶୁଭ୍ରାଂଶୁ ଯୋଶୀ(୨୨)ଙ୍କ ମୃତ୍ୟୁ ଘଟିଥିବା ବେଳେ ସମ୍ବଲପୁରର ବିକାଶ ରାଏ ଗୁରୁତର ଆହତ ହୋଇଛନ୍ତି । ଓଡିଓ୩ଏଫ-୫୨୦୧ ନମ୍ବର ବିଶିଷ୍ଟ ଏକ କାରରେ ଶୁଭ୍ରାଂଶୁ ଓ ବିକାଶ ଭୁବନେଶ୍ୱରରୁ ବଲାଙ୍ଗୀର ଫେରୁଥିଲେ । ଅର୍ଜୁନପୁର ଛକ ପୂର୍ବରୁ କୌଣସି କାରଣରୁ କାର ଚାଳକ ଗାଡି ଉପରୁ ନିୟନ୍ତ୍ରଣ ହରାଇଥିଲେ । ଫଳରେ ରାସ୍ତା ବାମ ପାର୍ଶ୍ୱରେ ଛିଡା ହୋଇଥିବା ଏକ ଏଚଡିଡି ମେଶିନ୍ ସହ କାର ଧକ୍କା ଖାଇଥିଲା । ବିକାଶଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

## କଳାହାଣ୍ଡି ଏସ୍‌ପି, ସୂଚନାଦାତାଙ୍କୁ ମାଓବାଦୀଙ୍କ ଚେତାବନୀ

**ଭବାନୀପାଟଣା, ୪।୧୧ (ଡି.ଏନ୍.ଏ.)**

- ପ୍ରଜାକୋର୍ଟରେ ଦଣ୍ଡିତ କରାଯିବ
- ଡିଜିଙ୍କ ସମୀକ୍ଷାର ୪୮ ଘଣ୍ଟା ପରେ ଉପସ୍ଥିତି ଜାହିର କଲେ ମାଓବାଦୀ

ରବିବାର ପୋଲିସ ମହାନିର୍ଦ୍ଦେଶକ (ଡି.ଜି.) ଏସ୍. ଅଭୟ ଓ ସିଆର୍‌ପିଏଫ୍ ଡିଜି କୁଲଦୀପ ସିଂ କଳାହାଣ୍ଡି ଓ ଫୁଲବାଣୀ ଜିଲା ଗସ୍ତ କରି ମାଓବାଦୀଙ୍କ କାର୍ଯ୍ୟକଳାପ ଉପରେ ସମୀକ୍ଷା କରିଥିଲେ। ଏହାର ୪୮ ଘଣ୍ଟା ପରେ ଅର୍ଥାତ୍ ସୋମବାର ରାତିରେ କଳାହାଣ୍ଡି ଜିଲା ମ.ରାମପୁର ଥାନା ଅଧୀନ ମୋହନଗିରି ପଞ୍ଚାୟତର ମାଣିକେରା ଗ୍ରାମରେ ମାଓବାଦୀମାନେ ପୋଷ୍ଟର ମାରି ନିଜ ଉପସ୍ଥିତି ଜାହିର କରିଛନ୍ତି । ତୁରନ୍ତ କଳାହାଣ୍ଡି ଏସ୍‌ପି କୋମ୍ବିଂ ଅପରେଶନ୍ ବନ୍ଦ ନ କଲେ ତାଙ୍କୁ ଓ ଅନ୍ୟ ପୋଲିସ ଅଧିକାରୀମାନଙ୍କୁ ଧୂଳିସାତ କରିଦିଆଯିବ ବୋଲି ମାଓବାଦୀ କେକେବିଏନ୍ ଡିଭିଜନ୍ କମିଟି ଚେତାବନୀ ଦେଇଛି । ଏପରି କି ପୋଲିସ ସୂଚନାଦାତାଙ୍କୁ ପ୍ରଜାକୋର୍ଟରେ ଦଣ୍ଡିତ କରାଯିବ ବୋଲି ମରାଯାଇଥିବା ପୋଷ୍ଟରରେ ଉଲ୍ଲେଖ କରାଯାଇଛି।

ସୂଚନାଯୋଗ୍ୟ, ରବିବାର ଡିଜିପି ଏସ୍. ଅଭୟ ଓ ସିଆର୍‌ପିଏଫ୍ ମହାନିର୍ଦ୍ଦେଶକ ସିଂ ସିଆର୍‌ପିଏଫ୍ ଓ ପୋଲିସ ବିଭାଗର ଉଚ୍ଚ ଅଧିକାରୀମାନଙ୍କ ସହିତ କଳାହାଣ୍ଡି ଗସ୍ତରେ ଆସି ଭବାନୀପାଟଣାସ୍ଥିତ କାର୍ଯ୍ୟାଳୟରେ ଜିଲାର ମାଓବାଦୀମାନଙ୍କ କାର୍ଯ୍ୟକଳାପ, ସେମାନଙ୍କ ଗତିବିଧିକୁ ଦୃଢ଼ ହସ୍ତରେ କିପରି ଦମନ କରାଯିବ ସେ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଯଦି ମାଓବାଦୀମାନେ ଆତ୍ମସମର୍ପଣ ନ କରନ୍ତି ସେମାନଙ୍କୁ ନିପାତ କରିବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏହି ସମୀକ୍ଷା ବୈଠକରେ ମତ ପ୍ରକାଶ ପାଇଥିଲା। ହେଲେ ଏହି ସମୀକ୍ଷା ବୈଠକର ୪୮ ଘଣ୍ଟା ପରେ ସୋମବାର ମାଣିକେରା ଗ୍ରାମର ବିଭିନ୍ନ ସ୍ଥାନ ଓ ପ୍ରଧାନମନ୍ତ୍ରୀ ସଡ଼କର ସୂଚନା ଫଳକରେ ପୋଷ୍ଟର ମାରି ମାଓବାଦୀମାନେ ଚେତାବନୀ ଦେଇଛନ୍ତି । ତୁରନ୍ତ କଳାହାଣ୍ଡି ଏସ୍‌ପି ଏସ୍‌ଓଜି ଓ ସିଆର୍‌ପିଏଫ୍ ଯବାନଙ୍କ କୋମ୍ବିଂ ଅପରେଶନ ବନ୍ଦ ନ କଲେ ପରିସ୍ଥିତି ଭୟବହ ହେବ ବୋଲି ଏହି ପୋଷ୍ଟରରେ ଉଲ୍ଲେଖ କରାଯାଇଛି । ପୋଲିସ ସୂଚନାଦାତା ସୁରେଶ ତାଣ୍ଡି, ଈଶ୍ୱର ମାଝି ଓ ଅଜିତ୍ ମାଝିଙ୍କୁ ମଧ ପ୍ରଜାକୋର୍ଟରେ ଦଣ୍ଡିତ କରାଯାଇ ମୃତ୍ୟୁଦଣ୍ଡ ଦିଆଯିବ ବୋଲି ମାଓବାଦୀମାନେ ଚେତାବନୀ ଦେଇଛନ୍ତି । ମ.ରାମପୁର ପୋଲିସ ଉକ୍ତ ପୋଷ୍ଟରଗୁଡିକୁ ମଙ୍ଗଳବାର ଜବତ କରିବା ସହିତ ଉକ୍ତ ଅଞ୍ଚଳରେ ମିଳିତ କୋମ୍ବିଂ ଅପରେଶନ୍‌କୁ ଆହୁରି କଡାକଡି କରାଯାଇଥିବା ପୋଲିସ କହିଛି ।

